# ମହେଶ ସାହୁଙ୍କ ବିଶାଳ ରୋଡ୍ ଶୋ’

ଢେଙ୍କାନାଳ, ୨୪।୪ (ସମିସ) : ଚଳିତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁ ଏକ ବିଶାଳ ରୋଡ୍ ଶୋ’ରେ ଦମଦାର ପ୍ରଚାର ଆରମ୍ଭ କରିଛନ୍ତି। ଚଳିତ ନିର୍ବାଚନରେ ଓଡ଼ାପଡ଼ା ବ୍ଲକ ମହେଶଙ୍କ ବିଜୟରେ



ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଆଲୋଚନା ହେଉଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବୃଦ୍ଧି ପାଇବାରେ ଲାଗିଛି। ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ନିର୍ବାଚନ ପ୍ରଚାର ଜୋର ଧରିବାରେ ଲାଗିଛି। ନିର୍ବାଚନରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ବ୍ଲକର ୩ଟି ଜିଲ୍ଲା ପରିଷଦ ଜୋନ୍ରେ ବିଜେଡିର ଦବଦବା ରହିଛି। ଏହି ବ୍ଲକର ଅଧିକାଂଶ ଅଞ୍ଚଳରେ ମାଙ୍କଡ଼ା ପଥର, କଳାମୁଗୁନି ପଥର ଭଳି ଦୁର୍ମୂଲ୍ୟ ଖଣି ଖାଦନ, ଛୋଟ ବଡ଼ ଶିଳ୍ପ କାରଖାନା ରହିଛି। ବ୍ଲକର ୧ ନଂ. ଓ ୨ ନଂ. ଜୋନ୍ର ମୁଖ୍ୟ ସମସ୍ୟା ହେଉଛି ଖଣିଖାଦନ ଓ ଶିଳ୍ପ। ଶିଳ୍ପାୟନ ଦ୍ୱାରା ଲୋକମାନଙ୍କର ଜମିକୁ ଜଳସେଚନର ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଅନୁସାରେ ମିଳିପାରିନାହିଁ। ଏଥିସହିତ ଅନେକ ଶିଳ୍ପସଂସ୍ଥା ଶିଳ୍ପ ପାଇଁ ଜମି ଅଧିଗ୍ରହଣ କରି ଦେବାଳିଆ ହୋଇଛନ୍ତି। କେତେକ ଅଧାରୁ କାମ ବନ୍ଦ କରିଦେଇଥିବା ବେଳେ ଆଉ କେତେକ କାରଖାନା ବସାଇ ସାରିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଧୀରେ ଧୀରେ ରୁଗ୍ଣ ହୋଇ ଶେଷରେ ବନ୍ଦ ହୋଇଯାଇଛି। ତେଣୁ ଉକ୍ତ କାରଖାନାଗୁଡିକରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇଥିବା ଅଞ୍ଚଳବାସୀ ଚାକିରି ହରାଇ ବେକାର ହୋଇ ଘରେ ବସିଛନ୍ତି। ସେହିପରି ୩ ନଂ. ଜୋନ୍ ଅଞ୍ଚଳ ହାତୀ ଉପଦ୍ରୁତ ଅଞ୍ଚଳ। ଉକ୍ତ ଅଞ୍ଚଳରେ ବିଶେଷ କରି ଲୋକମାନେ ଚାଷ ଉପରେ ନିର୍ଭର କରୁଥିବା ବେଳେ ବର୍ଷତମାମ ଜଙ୍ଗଲି ହାତୀଙ୍କ ଉତ୍ପାତ ଯୋଗୁଁ ପ୍ରତିଋତୁରେ ଚାଷ ଉଜୁଡ଼ିବାରେ ଲାଗିଛି। ଏଥିସହିତ ସ୍ୱାସ୍ଥ୍ୟ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏହି ଅଞ୍ଚଳ ଅନୁନ୍ନତ କହିଲେ ଅତ୍ୟୁକ୍ତି ହେବନାହିଁ। ଜଳସେଚନର ଅଭାବ କେବଳ ମୌସୁମୀ ବୃଷ୍ଟି ଉପରେ ଭରସା କରି ଚାଷୀଭାଇମାନଙ୍କୁ ଚାଷ କରିବା ପାଇଁ ବାଧ୍ୟ କରୁଛି। ଓଡାପଡ଼ା ବ୍ଲକର ବଦାଲୋ, ନିମିଧା, ମୋଟଙ୍ଗା, କୁସୁପଙ୍ଗା, ଖଡ଼ଗପ୍ରସାଦ, ଶିବପୁର, ମଙ୍ଗଳପୁର, କମଲାଙ୍ଗ, ନୟାଭାଗିରଥୀପୁର ଓ ବିଡୋ ପଞ୍ଚାୟତକୁ ନେଇ ବ୍ଲକର ଜୋନ୍-୧ ରହିଛି। ଅନୁସୂଚିତ ଜାତି ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଥିବା ଏହି ଜୋନ୍ର ଭୋଟର ସଂଖ୍ୟା ୩୮ ହଜାର ୪୨୦ ରହିଛି। ଏହି ଅଞ୍ଚଳର ଖଡଗପ୍ରସାଦ ଗ୍ରାମରେ ବିଜେଡିର ଢେଙ୍କାନାଳ ଜିଲ୍ଲା ହେବିୱେଟ୍ ନେତା ବିଧାୟକ ସୁଧୀର ସାମଲଙ୍କ ଘର। ତେଣୁ ଏହି ଆସନକୁ ଜିତିବା ଉଭୟ ହିନ୍ଦୋଳ ବିଧାୟକ ଏବଂ ଢେଙ୍କାନାଳ ବିଧାୟକ ଶ୍ରୀ ସାମଲଙ୍କ ପାଇଁ ସମ୍ମାନର ପ୍ରଶ୍ନ ହେବ। ବଳରାମପ୍ରସାଦ, ବାଙ୍ଗୁରସିଂହ, ସିମିନଇ, ଗଦାଶିଳା, ଓଡାପଡ଼ା, ଗୁଣ୍ଡୁଦେଇ, ନାଧରା ଓ ସଦାଶିବପୁର ପଞ୍ଚାୟତକୁ ନେଇ ବ୍ଲକର ୨ ନଂ.

## ■ ନିର୍ଣ୍ଣାୟକ ହେବ ଓଡ଼ାପଡ଼ା ବ୍ଲକ

ଜୋନ୍ ।, ଏଥିରେ ୩୬, ୬୬୪ ଜଣ ଭୋଟର ରହିଛନ୍ତି। ଏହି ଜୋନରେ ମଧ୍ୟ ବିଜେଡି ତା’ର ଦବଦବା ଜାହିର କରିଛି। ସେହିପରି ବଳରାମପୁର, ଗୁଣ୍ଡିଚାପଡ଼ା, ଇନ୍ଦିପୁର, କାଣ୍ଡବିନ୍ଧା, ଖୁଣ୍ଟୁଝରି, ଗୋବିନ୍ଦପ୍ରସାଦ, କଳାଙ୍ଗ, କାଶିଆଡ଼ିହି, ଘଟିପିରି ଓ କୋଉମ ପଞ୍ଚାୟତକୁ ନେଇ ବ୍ଲକର ୩ ନଂ. ଜୋନ୍ ଗଠିତ ହୋଇଛି। ଓଡାପଡ଼ା ବ୍ଲକର ୨୮ ଗ୍ରାମପଞ୍ଚାୟତ ମଧ୍ୟରୁ ଅନେକ ସରପଞ୍ଚ ଏବଂ ସମିତି ସଭ୍ୟ ବିଜେଡିର ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଏବଂ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ମଧ୍ୟ ବିଜେଡିର ଅଛନ୍ତି। ଏଭଳି ସ୍ଥଳେ ବିଜେଡି ଏଠାରେ ସର୍ବାଧିକ ଭୋଟ ବ୍ୟବଧାନରେ ଜିତିବା ନେଇ ଆଶାବ୍ୟକ୍ତ କରିଛି। ବୁଧବାର ବିଧାୟକ ପ୍ରାର୍ଥୀ ମହେଶ ସାହୁ ଏକ ରୋଡ ଶୋ’ରେ ବ୍ଲକର ବିଭିନ୍ନ ଅଞ୍ଚଳରେ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ବେଳେ ଓଡାପଡ଼ା ବ୍ଲକରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ପରଜଙ୍ଗରେ ବିଜେଡି କର୍ମୀ ସମ୍ମିଳନୀ

# ବିଜେପି ଛାଡ଼ିଲେ ଶତାଧିକ କର୍ମୀ



କାମାକ୍ଷାନଗର, ୨୪।୪ (ସମିସ) : ଢେଙ୍କାନାଳ ଜିଲ୍ଲାର ପରଜଙ୍ଗରେ ଗ୍ରାଉଣ୍ଡ ଜିରୋରେ ବିଜେଡି କର୍ମୀ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ବିଜେପି କର୍ମୀ ବିଜେଡିରେ ଯୋଗଦେଇଥିବା ଜଣାପଡ଼ିଛି। ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ଶକ୍ତିଶାଳୀ ହେଉଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଯୋଗୁଁ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବସୁଲେଇ ଠାରେ ପରଜଙ୍ଗ ବ୍ଲକ ଜୋନ -୧ ର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରଜଙ୍ଗ ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସାରା ଓଡ଼ିଶାବାସୀଙ୍କୁ ନିଜର ପରିବାର ଭାବି ପ୍ରତ୍ୟେକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ନିର୍ମାଣ କରିଛନ୍ତି। ଯାହା ଫଳରେ ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବା ସହ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁଛନ୍ତି। ତେଣୁ ପରଜଙ୍ଗରେ ବିଧାୟକ ଭାବେ ନୃସିଂହ ସାହୁଙ୍କୁ ଓ ସାଂସଦ ଭାବେ ଅବିନାଶ ସାମଲଙ୍କୁ ଯୋଡ଼ିଶଙ୍ଖ ଚିହ୍ନରେ ବିପୁଳ ଭୋଟ ଦେଇ ବିଜୟୀ କରାଇବା ପାଇଁ କର୍ମୀମାନେ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତର ବିଜେପି କର୍ମୀ ନବକିଶୋର ପ୍ରଧାନ, ଅକ୍ଷୟ ଭୂତିଆ, ଜାପାନୀ ନାଏକ, ପ୍ରସନ୍ନ ବେହେରା, ପ୍ରମୋଦ ସାହୁ, ଅବନୀ ସାହୁ, ନରହରି ସାହୁ, ପର୍ଶୁରାମ ବେହେରାଙ୍କ ସମେତ କଙ୍କଡାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତର ଡି. ଜେନା, ଅର୍ଜୁନ ନାଏକ, ଭଗବାନ ନାଏକ, କାଳିଆ ମହାରଣା, କମଳଲୋଚନ ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ପ୍ରାର୍ଥୀ ନୃସିଂହ ସାହୁ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ସମସ୍ତ ନୂତନ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଦୁଇ ବ୍ଲକର ଶତାଧିକ କର୍ମୀଙ୍କ ଯୋଗଦାନ ଆଗାମୀ ସମୟରେ ବିଜେଡିକୁ ଆହୁରି ଅଧିକ ବଳ ଯୋଗାଇବା ସହ ନିର୍ବାଚନରେ ବିଜୟୀ କରାଇବା ନେଇ ଉଭୟ ନେତା ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ୭ ପରିବାରର ୧୨ ବଖରା ଜଳିଗଲା



ଢେଙ୍କାନାଳ/ପଣ୍ଡୁଆ, ୨୪।୪ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷା ଉପଖଣ୍ଡ ଅଁଳାବେରେଣୀ ପଞ୍ଚାୟତ ଅନ୍ତର୍ଗତ ଅଁଳାବେରେଣୀ ହରିଜନ ସାହିରେ ଅଗ୍ନିକାଣ୍ଡ ଘଟି ୭ଟି ପରିବାରର ପ୍ରାୟ ୧୨ ବଖରା ଘର ପୋଡ଼ି ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ବୁଧବାର ଦିନ ୨ଟାରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀଙ୍କ ସୂଚନା ଅନୁସାରେ ସମସ୍ତେ ଘରେ ଶୋଇଥିବା ସମୟରେ ହଟ ନାଏକଙ୍କ ଘର ଦକ୍ଷିଣ ପଟୁ ନିଆଁ ଲାଗିଥିଲା। ପ୍ରବଳ ଧୂଆଁ ଯୋଗୁଁ ନିଦ ଭାଙ୍ଗିଯାଇଥିଲା। ସଙ୍ଗେ ସଙ୍ଗେ ଉଠି ନିଆଁକୁ ଆୟତ୍ତ କରିବାକୁ ଗ୍ରାମର ଯୁବକ ବୁନୁ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ବିବେକା ନାୟକ, ମହେଶ ଦେହୁରୀ, ସମାଜସେବୀ ପର୍ଶୁରାମ ମହାଭୋଇ, ଟୁଟୁ ପାଣି, ବିକାଶ ନାଏକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତବେଳେକୁ ବିଜୟ ନାଏକ, ରାଜୁ ନାଏକ, ୩ ନଂ ୱାର୍ଡର ୱାର୍ଡ ମେମ୍ବର ଅବନ୍ତୀ ନାଏକ, ହଟିଆ ନାଏକ, ହରି ନାଏକଙ୍କ ଘର ଓ ସମସ୍ତ ଆସବାବପତ୍ର ପୋଡ଼ି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା। କିଛି ସମୟ ପରେ ସରପଞ୍ଚ ରାଜୁ ନାଏକ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ ଓ ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ପତିଶ୍ରୁତି ଦେଇଥିଲେ। ଅଁଳାବେରେଣୀ ରାଜସ୍ୱ ନିରୀକ୍ଷକ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଲେଖି ସମସ୍ତ କ୍ଷତିଗ୍ରସ୍ତଙ୍କୁ ନିୟମ ଅନୁଯାୟୀ ସହଯୋଗ କରାଯିବ ବୋଲି କହିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜନପଡୁ ନଥିଲା ବେଳେ ପ୍ରଚଣ୍ଡ ଖରାରେ ଏଭଳି ଅଗ୍ନିକାଣ୍ଡ ଘଟିଥଇବା କୁହାଯାଉଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଏଥିରେ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ରେଫରୀ ପରୀକ୍ଷାରେ ନରଣପୁରର ଦେବରାଜ ସଫଳ

ଢେଙ୍କାନାଳ, ୨୪।୪ (ସମିସ) : ସଦର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମର ଦେବରାଜ ସ୍ୱାଇଁ ସର୍ବଭାରତୀୟ ଫୁଟବଲ ମହାସଙ୍ଘ ଦ୍ୱାରା ପରିଚାଳିତ ରେଫରୀ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଜଣାପଡ଼ିଛି। ଗୋଆଲିୟରରେ ଅନୁଷ୍ଠିତ ଏହି ଜାତୀୟ ରେଫରୀ ପଦୋନ୍ନତି ପରୀକ୍ଷାରେ କେବଳ ଥିଓରୀ ଏବଂ ଫିଟନେସ ପରୀକ୍ଷା ଏପ୍ରିଲ ୧୫ରୁ ୧୭



ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ତିନି ଜଣ ସଫଳ ହୋଇଥିବା ବେଳେ ଢେଙ୍କାନାଳ ନରଣପୁରର ଦେବରାଜ ସ୍ୱାଇଁ ସଫଳତା ପାଇଛନ୍ତି। ତାଙ୍କୁ ଏବେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କର ଏହି ସଫଳତା ପାଇଁ ଗ୍ରାମରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି।

## ଜିଲ୍ଲାସ୍ତରୀୟ ପାଲା ଗାୟକ ସମ୍ମିଳନୀ ଉଦ୍‌ଘାଟିତ



ଢେଙ୍କାନାଳ, ୨୪।୪ (ସମିସ) : ଢେଙ୍କାନାଳ ସଦର ବ୍ଲକ ତରଭା ପଞ୍ଚାୟତ ତରଭା ପାଟଣା ସାହିରେ ଜିଲ୍ଲା ପାଲା ଗାୟକ ସଙ୍ଘର ୪୨ତମ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ସଙ୍ଘର ସଭାପତି ତଥା ବର୍ଷୀୟାନ ଗାୟକ ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କଳା ଓ ସଂସ୍କୃତି ସଙ୍ଘର ଉପସଭାପତି ଅବନୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆମ ଭାଷା, ସାହିତ୍ୟ, ସଂସ୍କୃତି ପରମ୍ପରା, ବାଦ୍ୟ, ନୃତ୍ୟ, ସଙ୍ଗୀତର ସମାହାର ହେଉଛି ପାଲା ବୋଲି କହିବା ସହିତ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବାରେ ପାଲା ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ଶତ୍ରୁଘ୍ନ ମାଟି, ଅବସରପ୍ରାପ୍ତ ଅଧ୍ୟାପକ କ୍ଷୀରୋଦ ନାୟକ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ବରିଷ୍ଠ ପାଲାଗାୟକ ଦୁର୍ଗାଚରଣ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନ ବ୍ଲକକଳା ସଂସ୍କୃତି ସଙ୍ଘର ଉପସଭାପତି ଅଶୋକକୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପାଲାଗାୟିକା ଅନ୍ନପୂର୍ଣ୍ଣା ସାହୁ ଓ ସାଥୀ ଏବଂ ସ୍ୱଦେଷ୍ଟା ଜେନା ଓ ସାଥୀ ପାଲା ପରିବେଷଣ କରିଥିଲେ। ଏହି ପାଲା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ଗାୟକ ସୁଶାନ୍ତ କୁମାର ସାହୁ, ଡମ୍ବରୁଧର ସାହୁ, ଉଗ୍ରସେନ ବିଶ୍ୱାଳ, ପ୍ରଭାକର ନାଥ, କପିଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୋଳରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ’

ଢେଙ୍କାନାଳ, ୨୪।୪ (ସମିସ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ମହେଶ ସାହୁ ଓ ସାଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କ ଦ୍ୱାରା ରୋଡ ଶୋ’ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଘଟିପିରି ଠାରୁ ବମ୍ପା ପର୍ଯ୍ୟନ୍ତ କର୍ମୀମାନଙ୍କୁ ନେଇ ଏକ ରୋଡ ଶୋ’ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ଓଡାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ନିର୍ବାଚନ ମଣ୍ଡଳୀର ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଓ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଟଇଳାସାହି ବାସିନ୍ଦାଙ୍କୁ ପାନୀୟଜଳ ଯୋଗାଣ ଦାବି

ଢେଙ୍କାନାଳ, ୨୪।୪ (ସମିସ) : ସଦର ବ୍ଲକ ଅନ୍ତର୍ଗତ ତାଳବରକୋଟ ପଞ୍ଚାୟତ ଟଇଳା ସାହିରେ ପାନୀୟ ଜଳ ସଙ୍କଟ ଲାଗିରହିଥିବା ବେଳେ ତୁରନ୍ତ ପାନୀୟ ଜଳ ଯୋଗାଇଦେବାକୁ ଦାବି ହୋଇଛି। ସାହିରେ ୩୦୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସମସ୍ତେ ପ୍ରାୟ ଗରିବ ଏବଂ ଦିନମଜୁରିଆ ଭାବରେ ପରିଚିତ। ପ୍ରବଳ ଖରା ଯୋଗୁ ଗ୍ରାମର କୂଅ, ପୋଖରୀ ଶୁଖି ଯାଇଥିବା ବେଳେ କୌଣସି ଉପାୟ ନପାଇ ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ତରଫରୁ ଦୃଷ୍ଟିଦେବାକୁ ସାହି ବାସିନ୍ଦାମାନେ ଦାବି କରିଛନ୍ତି।



## ୧୨ ୟୁନିଟ୍ ରକ୍ତ ସଂଗୃହୀତ



ଢେଙ୍କାନାଳ, ୨୪।୪ (ସମିସ) : ସ୍ଥାନୀୟ ପିଡବ୍ଲୁଡି କଲୋନୀ ଠାରେ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମହୋତ୍ସବ ଅବସରରେ ବୁଧବାର ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ‘ଅମୃତ ବିନ୍ଦୁ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ସମିତି ଆବାହକ ଜ୍ୟୋତି ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଉକ୍ତ ଶିବିରରେ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ସମିତି ଆବାହକ ବିଶ୍ୱଜିତ ନାୟକ, ସମିତି ସେବାଦଳ ସଂଯୋଜକ ସୁବ୍ରତ କୁମାର ପ୍ରଧାନ ଓ ସମିତି ଯୁବ ସଂଯୋଜକ ପ୍ରଶାନ୍ତ ନାୟକ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ସେବାଦଳ ଭାଇ ପ୍ରେମାନନ୍ଦ ସାହୁ, ଅଭୟ କୁମାର ରାଉତ, ଶତ୍ରୁଘ୍ନ ମାଟି, ସଞ୍ଜୟ ପ୍ରସାଦ, ମାୟାଧର ସେଠୀ, ବ୍ରଜବନ୍ଧୁ ଚିନରା, ବିରଞ୍ଚି ନାରାୟଣ ନାଥ ଓ ଭଉଣୀ ପ୍ରଭାତୀ ଶରଣ, ସ୍ୱର୍ଣ୍ଣଲତା ମାଟି, ସନ୍ଧ୍ୟାରାଣୀ ମିଶ୍ର, ସୁଚିତ୍ରା ବେହେରା, କାମଳିନୀ ସେଠୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାରର ଡା. ପ୍ରମୋଦ କୁମାର ମହାଳିକ, ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ତପନ କୁମାର ଜେନା, ନଳିନୀ ପ୍ରଭା ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରି ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

### ଠକିଦେଲା ରାଣା ଷ୍ଟିଲ୍ କମ୍ପାନୀ

# ନିଯୁକ୍ତି ଦେବ କହି ନେଇଗଲା ୨ ଏକର ଜମି

ଢେଙ୍କାନାଳ, ୨୪।୪ (ସମିସ) : ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ କୁଲେଇ ଠାରେ ଥିବା ରାଣା ଷ୍ଟିଲ କାରଖାନାରେ ୨ ଏକର ଜମି ଚାଲିଯାଇଥିବା ବେଳେ ପ୍ରତିଶ୍ରୁତି

## ■ କ୍ଷତିଗ୍ରସ୍ତ ପରିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଅନୁସାରେ ନିଯୁକ୍ତି ନମିଳିବାରୁ ପରିବାର ବର୍ଗ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୁଲେଇ ଗ୍ରାମର ରଥିଆ ଜେନାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଗ୍ରାମରେ ରାଣା ଷ୍ଟିଲ କାରଖାନା ସ୍ଥାପିତ ହୋଇଥିବା ବେଳେ ନିଯୁକ୍ତି ଦେବାର ପ୍ରତିଶ୍ରୁତିଦେଇ କାରଖାନା ତାଙ୍କ ୨ ଏକର ଚାଷ ଜମିକୁ ନେଇଯାଇଥିଲା। ଜମି ଚାଲିଯିବା ପରେ ଚାଷବାସ ଉଜୁଡ଼ି ଯାଇଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ କାରଖାନା ପରିବାରର କାହାକୁ ନିଯୁକ୍ତି ଦେଲାନାହିଁ। ଏପରିକି କାରଖାନା ଅନ୍ୟ ଏକ କାରଖାନାକୁ ବିକ୍ରି କରିଦେଇଥିବା ବେଳେ ସେ ମଧ୍ୟ ନିଯୁକ୍ତି ପ୍ରଦାନ କରୁନାହିଁ। ଏହାକୁ ନେଇ ରଥିଆଙ୍କ ପରିବାର ବର୍ଗକୁ ନ୍ୟାୟ ଏବଂ ନିଯୁକ୍ତି ପ୍ରଦାନ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ସମାଧାନ କରିବାକୁ ଅନୁରୋଧ କରାଯାଇଛି।



